# Visit of External Affairs Minister to the Arab Republic of Egypt (October 15-16, 2022)

October 13, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଇଜିପ୍ଟ ଗସ୍ତ (15-16 ଅକ୍ଟୋବର 2022)

**ଅକ୍ଟୋବର 13, 2022**

ଇଜିପ୍ଟର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ସମେହ ହାସନ ଶୌକ୍ରିଙ୍କ ଆମନ୍ତ୍ରଣ କ୍ରମେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 15-16 ଅକ୍ଟୋବର 2022 ଇଜିପ୍ଟ ଗସ୍ତ କରିବେ। ଇଜିପ୍ଟକୁ ଏହା ତାଙ୍କର ପ୍ରଥମ ଗସ୍ତ।

2. ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ସମେହ ଶୌକ୍ରିଙ୍କ ସହ ପାରସ୍ପରିକ ଆଗ୍ରହର ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସମେତ ଇଜିପ୍ଟରେ ବସବାସ କରୁଥିବା ଭାରତୀୟ ସମୁଦାୟ ସହିତ ବାର୍ତ୍ତାଳାପ କରିବେ ଏବଂ ଇଜିପ୍ଟ ଏବଂ ଭାରତୀୟ ବ୍ୟବସାୟୀ ସମୁଦାୟର ଏକ ସମାବେଶକୁ ସମ୍ବୋଧିତ କରିବେ।

4. ଭାରତ ଏବଂ ଇଜିପ୍ଟ ମଧ୍ୟରେ ପାରମ୍ପରିକ ଭାବରେ ନିବିଡ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଆସିଛି ଯାହା ଐତିହାସିକ ଓ ସାଂସ୍କୃତିକ ସମ୍ବନ୍ଧ ଉପରେ ଆଧାରିତ। ଚଳିତ ବର୍ଷ ଉଭୟ ଦେଶ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର 75 ବର୍ଷ ପାଳନ କରୁଛନ୍ତି। 2022-23 ରେ ଜି-20 ର ଅଧ୍ୟକ୍ଷତା ଭାରତ କରୁଥିବା ସମୟରେ ଇଜିପ୍ଟକୁ 'ଅତିଥି ଦେଶ' ଭାବରେ ନିମନ୍ତ୍ରଣ କରାଯାଇଛି।

5. ଆଫ୍ରିକାରେ ଇଜିପ୍ଟ ଭାରତର ବୃହତ୍ତମ ବାଣିଜ୍ୟ ସହଭାଗୀମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଏହି ଗସ୍ତ ସମୟରେ ଦ୍ୱିପାକ୍ଷିକ ବ୍ୟବସାୟ, ବାଣିଜ୍ୟ ଏବଂ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ଉପରେ ଧ୍ୟାନ ଦିଆଯିବ। ଭାରତ-ଇଜିପ୍ଟ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ 2021-22 ଆର୍ଥିକ ବର୍ଷରେ 7.26 ବିଲିୟନ ଡ଼ଲାରରେ ପହଞ୍ଚିଛି। ଇଜିପ୍ଟରେ ଭାରତୀୟ ପୁଞ୍ଜି ବିନିଯୋଗ 3.15 ବିଲିୟନ ଡ଼ଲାର ଅତିକ୍ରମ କରିଛି। ଉତ୍ପାଦନ, ରାସାୟନିକ ପଦାର୍ଥ, ଶକ୍ତି, ଭିତ୍ତିଭୂମି, ଖୁଚୁରା ବ୍ୟାପାର ଆଦି କ୍ଷେତ୍ରରେ ଇଜିପ୍ଟରେ 50 ରୁ ଅଧିକ ଭାରତୀୟ କମ୍ପାନୀ ସକ୍ରିୟ ଭାବରେ ଉପସ୍ଥିତ ଅଛନ୍ତି।

6. ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କର ଇଜିପ୍ଟ ଗସ୍ତ ଆମର ଦ୍ୱିପାକ୍ଷିକ ଓ ବହୁପକ୍ଷୀୟ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିବା ଏବଂ ପାରସ୍ପରିକ ସ୍ୱାର୍ଥର ବିଭିନ୍ନ ପ୍ରସଙ୍ଗ ଉପରେ ଇଜିପ୍ଟର ନେତୃତ୍ୱ ସହିତ ମତ ବିନିମୟ କରିବାକୁ ସୁଯୋଗ ପ୍ରଦାନ କରିବ। ଏହି ଗସ୍ତ ସହଯୋଗକୁ ଗଭୀର କରିବା ଏବଂ ଦ୍ୱିପାକ୍ଷିକ ଭାଗିଦାରୀରେ ନୂତନ ପଥ ଅନୁସନ୍ଧାନ କରିବା ପାଇଁ ସୁଯୋଗ ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ଅକ୍ଟୋବର 13, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.